## ୨. ପଦ ପ୍ରକରଣ

**2.8 ଶବ୍ଦ କାହାକୁ କହନ୍ତି ?**

ଏକ ବା ଏକାଧିକ ଅକ୍ଷର ମିଶି କୌଣସି ଅର୍ଥ ପ୍ରକାଶ କରୁଥିଲେ ତାକୁ ଶବ୍ଦ କହନ୍ତି ।

ଯଥା:- ରାମ, ଶ୍ୟାମ, ବହି, ଖାତା, ଘର, ଗାଁ, ଦେଶ.... ଇତ୍ୟାଦି ।

[ଉଦାହୃତ ପ୍ରତ୍ୟେକ ଶବ୍ଦର ଏକ ଏକ ନିର୍ଦ୍ଦିଷ୍ଟ ଅର୍ଥ ଅଛି । ଆମେ ସେହି ଶବ୍ଦଗୁଡ଼ିକ ଶୁଣିଲେ, କିମ୍ବା ସେହି ଶବ୍ଦଗୁଡ଼ିକ ଉଚ୍ଚାରଣ କଲେ, କିମ୍ବା ସେହି ଶବ୍ଦଗୁଡ଼ିକ ଲେଖାଥିବା ଦେଖିଲେ ଆମ ମନ ଭିତରେ ଗୋଟିଏ ଗୋଟିଏ ଚିତ୍ର ଆଙ୍କି ହୋଇଯାଏ । ସେହି ଚିତ୍ରଟି ମନରେ ଆଙ୍କି ହୁଏ ବୋଲି ବା ରୂପଟି କଳ୍ପିତ ହୁଏ ବୋଲି ଆମେ ଶବ୍ଦଟି ବୁଝିପାରୁ । ଏହା ହେଉଛି ଶବ୍ଦ ଓ ଅର୍ଥର ଏକ ନିଗୂଢ଼ ତତ୍ତ୍ୱ ବା ସମ୍ବନ୍ଧ । ସୁତରାଂ ଆମ ପାଟିରୁ ଯେଉଁ ଧ୍ୱନି ବାହାରିଯାଏ, ଆମ ଭାଷା କହୁଥିବା ବା ବୁଝୁଥିବା ଲୋକ ସେଥିରୁ ଅର୍ଥ ଠଉରେଇ ନିଏ । କିନ୍ତୁ କେତେଗୁଡ଼ିଏ ଅର୍ଥପୂର୍ଣ୍ଣ ଶବ୍ଦ ଏକାଠି କଲେ ମନର ଭାବ ପୂର୍ଣ୍ଣରୂପେ ପ୍ରକାଶିତ ହୁଏ ନାହିଁ । ଶବ୍ଦ ଶବ୍ଦ ମଧ୍ୟରେ ସମ୍ବନ୍ଧ ନଥିଲେ ଶବ୍ଦ ଭାବ ପ୍ରକାଶ କରିପାରେ ନାହିଁ । ]

**2.9 ବାକ୍ୟ କାହାକୁ କହନ୍ତି ?**

ଏକ ବା ଏକାଧିକ ସମ୍ବନ୍ଧଥିବା ଶବ୍ଦ ମିଶି କହୁଥିବା ଲୋକର ମନର ଗୋଟିଏ ଭାବ ପ୍ରକାଶ କରୁଥିଲେ ତାକୁ ବାକ୍ୟ କହନ୍ତି ।

[ ଉଦାହରଣ :

**ରାମ** – ଗୋଟିଏ ଶବ୍ଦ । 'ରାମ' ଶବ୍ଦ ଉଚ୍ଚାରଣ କଲେ ମନରେ ଗୋଟିଏ ବାଳକର ଚିତ୍ର ଆଙ୍କି ହୁଏ । ତା' ନାମ ରାମ ବୋଲି ଜାଣି ହୁଏ ।

**ଯାଉଛି** – ଗୋଟିଏ ଶବ୍ଦ । ଯିବା ଅର୍ଥ ଏଥିରୁ ସୂଚିତ ହୁଏ । ଅନେକ କ୍ରିୟା କଥା ଆମେ ଜାଣିଥିଲେ ମଧ୍ୟ ଯିବା ଅର୍ଥର କ୍ରିୟାଟି ଆମ ମନକୁ ଆସେ ।

**ରାମ ଯାଉଛି** – ଏହି ଦୁଇଟି ଶବ୍ଦ କହିଲେ ଆମେ ବୁଝିପାରୁ ଯେ ରାମ ନାମକ ବାଳକଟି ଏବେ ଯାଉଛି ।

**ରାମ, ଯାଉଛି** – ଅଲଗା ଅଲଗା କହିବାବେଳେ ଯାହା ବୁଝାଯାଉଥିଲା, 'ରାମ ଯାଉଛି ।' – କହିବାଦ୍ୱାରା ମନର ଭାବଟି ସ୍ପଷ୍ଟ ହୋଇଗଲା । ଶ୍ରୋତା ମନରେ ବକ୍ତାର ଭାବଟି ପହଞ୍ଚିଗଲା ।]

**2.10 ପଦ –**

ବାକ୍ୟର ପ୍ରତ୍ୟେକ ଅଂଶ ଗୋଟିଏ ଗୋଟିଏ ପଦ । କିମ୍ବା ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ପଦ ହୋଇଯାଏ ।

ଉଦାହରଣ : ରାମ ଯାଉଛି । (ଏଥିରେ ୨ଟି ପଦ ଅଛି । ଯଥା:- ରାମ, ଯାଉଛି )

ରାମ ଗାଁକୁ ଯାଉଛି । (ଏଥିରେ ୩ଟି ପଦ ଅଛି, ଯଥା:- ରାମ, ଗାଁକୁ ଯାଉଛି ।)

ରାମ ତା' ବାପାଙ୍କ ସାଥିରେ ଗାଁକୁ ଯାଉଛି ।

(ଏଥିରେ ୬ଟି ପଦ ଅଛି; ଯଥା:- ରାମ, ତା, ବାପାଙ୍କ, ସାଥିରେ, ଗାଁକୁ, ଯାଉଛି)

**2.11 ପଦ କେତେ ପ୍ରକାର ?**

ପଦ ୫ ପ୍ରକାର ।

ଯଥା:- ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା

**2.12 ବିଶେଷ୍ୟ ପଦ କାହାକୁ କହନ୍ତି ?**

ଯେଉଁ ପଦ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ବସ୍ତୁ, ଜାତି, ଗୁଣ ବା କ୍ରିୟାର ନାମକୁ ବୁଝାଏ, ତାକୁ ବିଶେଷ୍ୟ ପଦ କହନ୍ତି ।

**2.13 ବିଶେଷ୍ୟ ପଦର ପ୍ରକାରଭେଦ :**

(୧) ବ୍ୟକ୍ତିବାଚକ ବା ନାମବାଚକ ବା ସଂଜ୍ଞା ବାଚକ ବିଶେଷ୍ୟ : [ବ୍ୟକ୍ତିବାଚକ କହିଲେ କେବଳ ଲୋକର ନାମ ଏହା ନୁହେଁ, ଏହା କୌଣସି ଗ୍ରାମ, ସହର, ଦେଶ, ନଦୀ, ହ୍ରଦ, ପର୍ବତ ଇତ୍ୟାଦିର ନାମକୁ ବୁଝାଏ । ଯେକୌଣସି ଗୋଟିଏ ନାମକୁ ବୁଝାଉଥିବାରୁ ଏହା ନାମବାଚକ ]

ଯଥା :-ରାମ, ଗଙ୍ଗା, କଟକ, ଓଡ଼ିଶା, ଭାରତ, ବୈଶାଖ ଇତ୍ୟାଦି ।

(୨) ଜାତିବାଚକ ବିଶେଷ୍ୟ : ଯେଉଁ ବିଶେଷ୍ୟ ପଦ ଗୋଟିକୁ ନ ବୁଝାଇ ଗୋଟିଏ ଜାତି ବା ଗୋଷ୍ଠୀକୁ ବୁଝାଏ, ତାକୁ ଜାତି ବାଚକ ବିଶେଷ୍ୟ କହନ୍ତି । ଉଦାହରଣ- ମାଛ, ଗାଈ, ମଣିଷ, ବାଳକ, ନେତା, ମନ୍ତ୍ରୀ..... ଇତ୍ୟାଦି ।

(୩) ବସ୍ତୁବାଚକ ବିଶେଷ୍ୟ : ଯେଉଁ ବିଶେଷ୍ୟପଦ କୌଣସି ବସ୍ତୁ ବା ପଦାର୍ଥର ନାମକୁ ବୁଝାଏ, ତାକୁ ବସ୍ତୁବାଚକ ବିଶେଷ୍ୟ କହନ୍ତି । ଉଦାହରଣ – ଇଟା, ପଥର, ଲୁହା, ସୁନା, ମାଟି, ପାଣି ..... ଇତ୍ୟାଦି ।

[ବସ୍ତୁବାଚକ ବିଶେଷ୍ୟରେ ସେହି ବସ୍ତୁକୁ ଭାଗ ଭାଗ କଲେ ସେହି ବସ୍ତୁର ନାମ ହିଁ ରହିଥାଏ । ଲୁହାକୁ ଯେତେ ଖଣ୍ଡ ଖଣ୍ଡ କଲେ 'ଲୁହା' ହିଁ ରହେ । କିନ୍ତୁ ଲୁହାରେ ତିଆରି ଗୋଟିଏ ଟେବୁଲ । ତାକୁ ଆମେ ଖଣ୍ଡ ଖଣ୍ଡ କଲେ ତା'ର ପ୍ରତ୍ୟେକ ଅଂଶକୁ ଟେବୁଲ କୁହାଯାଇ ପାରିବ ନାହିଁ । ତେଣୁ ଲୁହା ବସ୍ତୁବାଚକ ବିଶେଷ୍ୟ, କିନ୍ତୁ ଟେବୁଲ ଜାତିବାଚକ ବିଶେଷ୍ୟ ]

(୪) ଗୁଣବାଚକ ବିଶେଷ୍ୟ : ଯେଉଁ ବିଶେଷ୍ୟ ପଦ କୌଣସି ନିର୍ଦ୍ଦିଷ୍ଟ ନାମକୁ ବୁଝାଏ, ତାକୁ ଗୁଣବାଚକ ବିଶେଷ୍ୟ କହନ୍ତି । ଯଥା:- ଭଦ୍ରତା, ନମ୍ରତା, ସାଧୁତା, ଦୟା, କ୍ଷମା, ସୌନ୍ଦର୍ଯ୍ୟ, ସରଳତା .... ଇତ୍ୟାଦି ।

[ଗୁଣବାଚକ ବିଶେଷ୍ୟ ପଦକୁ ଦେଖି ହୁଏ ନାହିଁ କି ସ୍ପର୍ଶ କରି ହୁଏ ନାହିଁ । ଏହାକୁ କେବଳ ଅନୁଭବ କରିହୁଏ । କିନ୍ତୁ ବ୍ୟକ୍ତିବାଚକ, ଜାତିବାଚକ, ବସ୍ତୁବାଚକ ବିଶେଷ୍ୟ ପଦ ଗୁଡ଼ିକୁ ଦେଖି ହୁଏ, ସ୍ପର୍ଶ କରି ହୁଏ । ବିଶେଷ୍ୟ ପଦଟିଏ କହିବା ବେଳେ ଏହି ସୂକ୍ଷ୍ମ ପ୍ରଭେଦଟିକୁ ଭାବିବାକୁ ପଡ଼ିବ ]

(୫) କ୍ରିୟାବାଚକ ବିଶେଷ୍ୟ : ଯେଉଁ ବିଶେଷ୍ୟ ପଦ କୌଣସି କ୍ରିୟା ବା କାର୍ଯ୍ୟର ନାମକୁ ବୁଝାଏ, ତାକୁ କ୍ରିୟା ବାଚକ ବିଶେଷ୍ୟ କହନ୍ତି ।

ଯଥା:- ଖାଇବା (ଗୋଟିଏ କାର୍ଯ୍ୟର ନାମ)

ପଠନ (ଗୋଟିଏ କାର୍ଯ୍ୟର ନାମ)

ପୂଜା (ଗୋଟିଏ କାର୍ଯ୍ୟର ନାମ)

ରୋଷେଇ (ଗୋଟିଏ କାର୍ଯ୍ୟର ନାମ)

[ବିଶେଷ୍ୟ କହିଲେ ବ୍ୟକ୍ତି, ଜାତି, ବସ୍ତୁ, ଗୁଣ ବା କ୍ରିୟା – ଯେକୌଣସି ଗୋଟିଏ 'ନାମ' କୁ ବୁଝିବାକୁ ହେବ । ଏହା ଏକ ନାମକୁ ଚିହ୍ନଟ କରୁଥିବା ଶବ୍ଦ ।]

**2.14 ବିଶେଷଣ ପଦ କାହାକୁ କହନ୍ତି ?**

ଯେଉଁ ପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ ତାକୁ ବିଶେଷଣ ପଦ କହନ୍ତି ।

ଉଦାହରଣ :

<u>ବୁଢ଼ା</u> ଲୋକ – ('ବୁଢ଼ା' ଲୋକର ଅବସ୍ଥାକୁ ବୁଝାଏ)

<u>ଭଲ</u> କଥା – ('ଭଲ' କଥାର ଗୁଣକୁ ବୁଝାଏ)

<u>ସୁନ୍ଦର</u> ଫୁଲ – ('ସୁନ୍ଦର' ଫୁଲର ଗୁଣ ଓ ଅବସ୍ଥାକୁ ବୁଝାଏ)

<u>ଢୋକେ ପାଣି</u> – ('ଢୋକେ' ପାଣିର ପରିମାଣକୁ ବୁଝାଏ ।)

ହଳେ ବଳଦ – ('ହଳେ' ବଳଦର ସଂଖ୍ୟାକୁ ବୁଝାଏ)

[ବିଶେଷଣ ପଦ ଦ୍ୱାରା ବିଶେଷ୍ୟର ଅର୍ଥ ସୀମିତ ବା ସଂକୁଚିତ ହୁଏ । 'ଗାଈ' – ଏହି ଶବ୍ଦ ଉଚ୍ଚାରଣ କଲେ ଆମେ ଅନେକ ଗାଈ କଥା ଭାବିଥାଉ । କିନ୍ତୁ <u>କାଳୀ</u> ଗାଈ କହିଲେ କଳା ରଙ୍ଗର ଗାଈ କଥା ଭାବୁ । ତେଣୁ 'କାଳୀ' ବିଶେଷଣ ପଦ 'ଗାଈ'ର ବ୍ୟାପକ ରୂପକୁ ସୀମିତ କରେ ।]

2.15 ଗୁଣବାଚକ ବିଶେଷଣ, ଅବସ୍ଥାବାଚକ ବିଶେଷଣ, ସଂଖ୍ୟାବାଚକ ବିଶେଷଣ ଓ ପରିମାଣବାଚକ ବିଶେଷଣ ଯଥାକ୍ରମେ ବିଶେଷ୍ୟର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ ।

2.16 କ୍ରିୟା ବିଶେଷଣ କ୍ରିୟା କିପରି ଭାବରେ ହେଉଛି ବୁଝାଏ ।

ଯଥା :- ଦୀପଟି ମିଞ୍ଜି ମିଞ୍ଜି ଜଳୁଛି ।

ହାତୀ ଧୀରେ ଧୀରେ ଚାଲୁଛି ।

ତୁମେ ଚଞ୍ଚଳ ଆସ ।

2.17 ବ୍ୟବହାରର ସ୍ଥାନ ଅନୁଯାୟୀ ବିଶେଷଣ ପଦ ୨ ପ୍ରକାର । (୧) ବିଶେଷ୍ୟର ବିଶେଷଣ (୨) ବିଧେୟ ବିଶେଷଣ ।

ବିଶେଷ୍ୟର ବିଶେଷଣ ବିଶେଷ୍ୟ ପଦ ପୂର୍ବରୁ ବସେ, କିନ୍ତୁ ବିଧେୟ ବିଶେଷଣ ବିଶେଷ୍ୟ ପଦର ପରେ ବସେ ।

ଯଥା :

| ବିଶେଷ୍ୟର ବିଶେଷଣ | ବିଧେୟ ବିଶେଷଣ |
|---|---|
| ଧଳା କାଗଜ । | କାଗଜଟି ଧଳା । |
| ଭଙ୍ଗା ଘର । | ଘରଟି ଭଙ୍ଗା । |
| ଦଦରା ନାଆ । | ନାଆଟି ଦଦରା । |
| ଚିରା ଲୁଗା । | ଲୁଗାଟି ଚିରା । |

ଧଳା, ଭଙ୍ଗା, ଦଦରା, ଚିରା ପ୍ରଭୃତି ବିଶେଷଣ ପଦ । ଏହି ବାକ୍ୟଗୁଡ଼ିକରେ ଯଥାକ୍ରମେ କାଗଜ, ଘର, ନାଆ ଓ ଲୁଗା ବିଶେଷ୍ୟ ପଦକୁ ବିଶେଷିତ କରୁଛନ୍ତି । ବିଶେଷ୍ୟ ପଦର ପୂର୍ବରୁ ବ୍ୟବହୃତ ହୋଇ ବିଶେଷ୍ୟର ବିଶେଷଣ ହେବାବେଳେ ବିଶେଷ୍ୟ ପଦର ପରେ ଅର୍ଥାତ ବାକ୍ୟର ବିଧେୟ ଅଂଶ ବ୍ୟବହୃତ ହୋଇ ବିଧେୟ ବିଶେଷଣ ହୋଇଛି ।

2.18 **ବିଶେଷଣର ବିଶେଷଣ :**

ଯେଉଁ ବିଶେଷଣ ପଦ ଆଉ ଗୋଟିଏ ବିଶେଷଣ ପଦକୁ ବିଶେଷିତ କରେ ତାକୁ ବିଶେଷ୍ୟର ବିଶେଷଣ କହନ୍ତି ।

ଉଦାହରଣ : ନିପଟ ଅଳସୁଆ ଲୋକ ଦୁଃଖ ପାଏ ।

ପିଲାଟି ଭାରି ଦୁଷ୍ଟ ।

ନିପଟ, ଭାରି ଯଥାକ୍ରମେ ଅଳସୁଆ, ଦୁଷ୍ଟ ବିଶେଷଣ ପଦକୁ ବିଶେଷିତ କରେ । ତେଣୁ ଏହା ବିଶେଷ୍ୟର ବିଶେଷଣ ପଦ ଅଟେ ।

2.19 ଏ, ସେ, ଏହି, ସେହି ପ୍ରଭୃତି ସର୍ବନାମ ପଦ ବିଶେଷଣ ପଦରୂପେ ବ୍ୟବହୃତ ହୁଏ । ତାହାକୁ ସର୍ବନାମ ବିଶେଷଣ ବା ସାର୍ବନାମିକ ବିଶେଷଣ କହନ୍ତି ।

2.20 **ସର୍ବନାମ ପଦ କାହାକୁ କହନ୍ତି ?**

ଯେଉଁ ପଦ ବିଶେଷ୍ୟ ବା ନାମ ବଦଳରେ ବ୍ୟବହୃତ ହୁଏ ତାକୁ ସର୍ବନାମ ପଦ କହନ୍ତି ।

ଉଦାହରଣ :- ଗୀତା ଗୋଟିଏ ବାଳିକା । ସେ ଭଲ ପଢ଼େ । ତା'ର ଭଉଣୀର ନାମ ସୀତା । ଉଭୟଙ୍କୁ ବାପାମାଆ ଭଲ ପାନ୍ତି ।

2.21 **ସର୍ବନାମ ପଦ ବିଭିନ୍ନ ପ୍ରକାରର ।**

(୧) ପୁରୁଷ ବାଚକ ସର୍ବନାମ –

୧ମ ପୁରୁଷ – ମୁଁ, ଆମେ, ଆମ୍ଭେ, ଆମ୍ଭେମାନେ

୨ୟ ପୁରୁଷ – ତୁ, ତୁମେ, ତୁମ୍ଭେ, ତୁମ୍ଭେମାନେ, ଆପଣ, ଆପଣମାନେ

୩ୟ ପୁରୁଷ – ସେ ଓ ସେମାନେ (ପୁରୁଷ ସ୍ତ୍ରୀ ଉଭୟ)

(୨) ନିର୍ଦ୍ଦେଶ ବାଚକ ସର୍ବନାମ – ଏହି, ସେହି, ଏହା, ତାହା । (ଏହି ସେହି ଆର୍ଯ୍ୟଭୂମି, ଏ ଭୂମିର ସୁତ)

(୩) ଅନିଶ୍ଚୟବାଚକ ସର୍ବନାମ –

କିଛି ଦିନ ତଳେ, କେହି ଆସିଥିଲେ ।

କିଛି କଥା ନାହିଁ, ରାଗୁଛ କାହିଁକି ?

(୪) ସମ୍ବନ୍ଧବାଚକ ବା ଆପେକ୍ଷିକ ସର୍ବନାମ – ସେ, ଯାହାର, ଯେତେ

(୫) ପ୍ରଶ୍ନବାଚକ ବିଶେଷଣ – କ'ଣ, କିଏ, କେଉଁଠି

(୬) ଆତ୍ମବାଚକ ବିଶେଷଣ – ନିଜେ, ଆପେ, ମୁଁ ନିଜେ ଦେଖିଛି ।

ସେ ନିଜେ ଠିଆ ହୋଇଥିଲେ ।

କିଏ ତୁମେ ଚିହ୍ନିଛ କି ଆପଣାକୁ ଆପେ ?

2.22 ସର୍ବନାମ ପଦ ବିଭକ୍ତିଯୁକ୍ତ ହେଲେ ନିଜର ରୂପରେ ପରିବର୍ତ୍ତନ ଘଟେ ।

ଉଦାହରଣ - ମୁଁ ତାକୁ ଦେଖିଥିଲି । (ତାକୁ= ସେ+କୁ)

ତୁମେ ମୋତେ ପଚାରିବ । (ମୋତେ = ମୁଁ + କୁ)

ଯେଉଁ ପଦ ଲିଙ୍ଗ, ବଚନ, ବିଭକ୍ତି କାଳରେ ପରିବର୍ତ୍ତନ ନହୋଇ ଅପରିବର୍ତ୍ତିତ ରହେ ତାକୁ ଅବ୍ୟୟ ପଦ କହନ୍ତି ।

ଉଦାହରଣ – ଓ, ଏବଂ, ଆଉରି, ମାତ୍ର, କିନ୍ତୁ, ନଚେତ, ନ, ନା, ନି... ଇତ୍ୟାଦି ।

**2.23 ଅବ୍ୟୟ ପଦ :**

[ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ପ୍ରଭୃତି ପଦ ଲିଙ୍ଗ, ବଚନ, ପୁରୁଷ, କାଳ, ବିଭକ୍ତି ଭେଦରେ ରୂପରେ ପରିବର୍ତ୍ତିତ ହୁଏ । ଯଥା :- ବାଘ – ବାଘୁଣୀ (ସ୍ତ୍ରୀ ଲିଙ୍ଗରେ) ବାଳକ – ବାଳକମାନେ (ବହୁବଚନରେ) । ସୁନ୍ଦର ବାଳକ – ସୁନ୍ଦରୀ ବାଳିକା (ଲିଙ୍ଗ ଭେଦରେ ବିଶେଷଣରେ ପରିବର୍ତ୍ତନ । ସବୁକଥା ତୁମକୁ ଜଣା (ତୁମକୁ ସର୍ବନାମରେ ତୁମେ – ତୁମକୁ) ସେ ପଢୁଛି । (ପଢୁଛି – ବର୍ତ୍ତମାନ କାଳରେ) ସେ ପଢୁଥିଲା । (ପଢୁଥିଲା – ଅତୀତ କାଳରେ) ]

**2.24 କ୍ରିୟାପଦ :**

ବାକ୍ୟରେ ଯେଉଁ ପଦରୁ କୌଣସି କାର୍ଯ୍ୟହେବା ସୂଚିତ ହୁଏ, ତାକୁ କ୍ରିୟାପଦ କହନ୍ତି ।

ଉଦାହରଣ :

ପିଲାଟି କ୍ଷୀର ପିଉଛି ।

ପିଲାମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ।

ସରକାର ପିଲାମାନଙ୍କୁ ମାଗଣାରେ ପୋଷାକ ଦେଉଛନ୍ତି ।

ସମସ୍ତଙ୍କର ପାଠ ପଢ଼ିବାର ଅଧିକାର ଅଛି ।

ତୁମେ କେବେ ପାଠ ଶେଷ କରିବ ?

ସେ ଗାଁକୁ ଗଲା ।

ଆମ୍ଭେମାନେ ଭାତ ଖାଇ ସ୍କୁଲକୁ ଯାଉ ।

ଗଲାଣି ତ ଗଲା କଥାରେ ସଙ୍ଗୀତ :

[କ୍ରିୟା ବାକ୍ୟର ଏକ ମୁଖ୍ୟ ଅଂଶ । କର୍ତ୍ତା ଉଦ୍ଦେଶ୍ୟ ହେଲେ କ୍ରିୟା ଉଦ୍ଦିଷ୍ଟ । ଉଦ୍ଦିଷ୍ଟକୁ ବିଧେୟ କହନ୍ତି । କର୍ତ୍ତା ଯାହା କରେ ତାହା ହିଁ କ୍ରିୟା । ବାକ୍ୟ, ଉକ୍ତି ବା ଲେଖାର କ୍ଷୁଦ୍ରତମ ସାର୍ଥକ ଏକକ ପଦ । ବାକ୍ୟର ପଦଗୁଡ଼ିକର ବ୍ୟାକରଣିକ ଶ୍ରେଣୀ ବିଭାଗ ପଦ ପ୍ରକରଣ । ]

**2.25 କ୍ରିୟାର ଶ୍ରେଣୀ ବିଭାଗ ।**

**2.25.1 ସମାପିକା କ୍ରିୟା କାହାକୁ କହନ୍ତି ?**

- ଯେଉଁ କ୍ରିୟାର ପ୍ରୟୋଗଦ୍ୱାରା ବାକ୍ୟର ଅର୍ଥ ସଂପୂର୍ଣ୍ଣରୂପେ ପ୍ରକାଶପାଏ, ତାକୁ ସମାପିକା କ୍ରିୟା କହନ୍ତି ।

  ମୁଁ ପରୀକ୍ଷାରେ ଭଲ କରିଛି ।

  ତୁମେ ମନ ଦେଇ ବ୍ୟାକରଣ ପଢ଼ ।

- ଅସମାପିକା କ୍ରିୟା କାହାକୁ କହନ୍ତି ?

**2.25.2** ଯେଉଁ କ୍ରିୟାର ବ୍ୟବହାରଦ୍ୱାରା ବାକ୍ୟର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶ ପାଏ ନାହିଁ ଏବଂ ଅନ୍ୟ କ୍ରିୟାର ଅପେକ୍ଷା ରଖେ ତାକୁ ଅସମାପିକା କ୍ରିୟା କହନ୍ତି ।

ମୁଁ ଭାତ ଖାଇ ସ୍କୁଲକୁ ଯାଏ ।

ସେ ଯାଉ ଯାଉ ପଡ଼ିଗଲା ।

[ସମାପିକା କ୍ରିୟାରେ ଧାତୁ ସହିତ ପୁରୁଷ ସୂଚକ, କାଳ ସୂଚକ, ବଚନସୂଚକ ବିଭକ୍ତି ଯୋଗ ହୋଇଥାଏ ।

ବାଳକଟି ବହି ପଢୁଅଛି ।

ପଢ୍ (ଧାତୁ+ଉଛ) (ବର୍ତ୍ତମାନ କାଳସୂଚକ) + ଇ (ପୁରୁଷ ଓ ବଚନସୂଚକ ବିଭକ୍ତି)

ଅସମାପିକା କ୍ରିୟାରେ ଧାତୁ ସହିତ 'ଇ' କିମ୍ବା 'ଉ' ବିଭକ୍ତି ଯୋଗହୁଏ ।

ପିଲାଟି ଯାଉ ଯାଉ ପଡ଼ିଗଲା । (ଯା + ଉ)

ସେ ପାଠ ଲେଖି ଶୋଇଛି । (ଲେଖ୍ + ଇ)

ବାକ୍ୟରେ ସମାପିକା କ୍ରିୟା ଓ ଅସମାପିକା କ୍ରିୟା ଉଭୟ ଥିଲେ ଅସମାପିକା କ୍ରିୟା ପ୍ରଥମୋକ୍ତ ଏବଂ ବାକ୍ୟର ଶେଷରେ ସମାପିକା କ୍ରିୟା ଥାଏ । ଅସମାପିକା କ୍ରିୟା ପ୍ରଥମେ ସମ୍ପନ୍ନ ହୁଏ ।]

- ସକର୍ମକ କ୍ରିୟା ଓ ଅକର୍ମକ କ୍ରିୟା

**2.26 ସକର୍ମକ କ୍ରିୟା କାହାକୁ କହନ୍ତି ?**

ଯେଉଁ କ୍ରିୟାର କର୍ମ ଥାଏ ତାକୁ ସକର୍ମକ କ୍ରିୟା କହନ୍ତି ।

ପିଲାମାନେ କୋଳି ଖାଉଛନ୍ତି । (ପିଲାମାନେ କ'ଣ ଖାଉଛନ୍ତି । ଉତ୍ତର - କୋଳି (କର୍ମ))

ଗୋପାଳ ବହି ପଢ଼ିଲା । (କ'ଣ ପଢ଼ିଲା ? - ବହି (କର୍ମ)

ରାମ ରାବଣକୁ ମାରିଲେ । (କାହାକୁ ମାରିଲେ ? ରାବଣକୁ (କର୍ମ))

ଅନେକ ସମୟରେ କର୍ମ ପଦ ଉହ୍ୟ ଥାଏ । ସେହି ବାକ୍ୟର କ୍ରିୟା ସକର୍ମକ କ୍ରିୟା ।

ସେ ଖାଇଲା । ଏଠାରେ ଖାଇଲା ସକର୍ମକ କ୍ରିୟା ।

ସେ ଖାଇଲା କ'ଣ - ଯାହା ଉତ୍ତର ଆସିବ ତାହା ଖାଇଲା କ୍ରିୟାର କର୍ମ ।

**2.27 ଅକର୍ମକ କ୍ରିୟା କାହାକୁ କହନ୍ତି ?**

ଯେଉଁ କ୍ରିୟାର କର୍ମ ନଥାଏ ତାକୁ ଅକର୍ମକ କ୍ରିୟା କହନ୍ତି ।

ପିଲାଟି ଶେଯରେ ଶୋଇଛି ।

(କ'ଣ ଶୋଇଛି - ଏହାର ଅର୍ଥ କିଛି ନାହିଁ)

ଶିଶୁଟି କାନ୍ଦୁଛି । (କ'ଣ କାନ୍ଦୁଛି – ଏହାର ଅର୍ଥ କିଛି ନାହିଁ ।)

**2.28 ଦ୍ୱିକର୍ମକ କ୍ରିୟା :**

ଯେଉଁ ସକର୍ମକ କ୍ରିୟାର ୨ଟି କର୍ମ ଥାଏ ତାକୁ ଦ୍ୱିକର୍ମକ କ୍ରିୟା କହନ୍ତି ।

ଯଥା :- ଶିକ୍ଷକ ଛାତ୍ରକୁ ପ୍ରଶ୍ନ ପଚାରିଲେ ।

ଶିକ୍ଷକ କ'ଣ ପଚାରିଲେ ... ଉତ୍ତର -

ପ୍ରଶ୍ନ - ଏହା ମୁଖ୍ୟ କର୍ମ

ଶିକ୍ଷକ କାହାକୁ ପ୍ରଶ୍ନ ପଚାରିଲେ ... ଉତ୍ତର -

ଛାତ୍ରକୁ - ଗୌଣ କର୍ମ

**2.29 ମିଶ୍ର କ୍ରିୟା ଓ ଅମିଶ୍ର କ୍ରିୟା**

- **ମିଶ୍ର କ୍ରିୟା :** କ୍ରିୟାବାଚକ ବିଶେଷ୍ୟ ବା କ୍ରିୟାରୁ ଜାତ ବିଶେଷଣ ପଦ ସହିତ କ୍ରିୟା ପଦ ମିଶି ଗୋଟିଏ କ୍ରିୟା ରୂପେ ବ୍ୟବହୃତ ହେଲେ ତାକୁ ମିଶ୍ର କ୍ରିୟା କହନ୍ତି । କ୍ରିୟା ବାଚକ ବିଶେଷ୍ୟ ବା କ୍ରିୟାରୁ ଜାତ ବିଶେଷଣ ପଦର ଅର୍ଥର ପ୍ରାଧାନ୍ୟ ରହେ ଏବଂ ତା ସହିତ ଥିବା କ୍ରିୟା ପଦଟି ଧାତୁ ସହିତ ପ୍ରତ୍ୟୟଯୁକ୍ତ ହୁଏ ।

ଉଦାହରଣ :

(i) ଆମ୍ଭେମାନେ ଅନ୍ନ ଭୋଜନ କରୁ ।

ଭୋଜନ କରୁ – ଗୋଟିଏ କ୍ରିୟା । ଭୋଜନ କ୍ରିୟା ବାଚକ ବିଶେଷ୍ୟ । 'କରୁ' ସମାପିକା କ୍ରିୟା – ଏଥିରେ ଧାତୁ ସହିତ ପୁରୁଷ, ବଚନ, କାଳ ସୂଚକ ପ୍ରତ୍ୟୟ ଯୋଗ ହୋଇଥାଏ । ଭୋଜନର ଅର୍ଥ ପ୍ରାଧାନ୍ୟ ରହେ ।

(ii) ମହାଭାରତ ବ୍ୟାସଦେବଙ୍କ ଦ୍ୱାରା ରଚିତ ହୋଇଥିଲା ।

ରଚିତ ହୋଇଥିଲା – ଗୋଟିଏ କ୍ରିୟା ।

ରଚିତ – କ୍ରିୟାରୁ ଜାତ ବିଶେଷଣ (ରଚ୍ +ଇତ) ହୋଇଥିଲା ଗୋଟିଏ କ୍ରିୟାପଦ । ଏଥିରେ ବଚନ, ପୁରୁଷ, କାଳସୂଚକ ବିଭକ୍ତି ଯୁକ୍ତ ।

ମନେରଖିବାକୁ ହେବ ଯେ ମିଶ୍ର କ୍ରିୟାକୁ ସଂଯୁକ୍ତ କ୍ରିୟା କହନ୍ତି । କ୍ରିୟା ବାଚକ ବିଶେଷ୍ୟ ସହିତ କର (କୃ) ଧାତୁର କ୍ରିୟା ଏବଂ କ୍ରିୟାରୁ ଜାତ ବିଶେଷ୍ୟ ସହିତ ଭୋ (ଭୂ) ଧାତୁର କ୍ରିୟା ଯୋଗ ହୋଇଥାଏ ।

**2.30 ଯୌଗିକ କ୍ରିୟା :** ଦୁଇଟି କ୍ରିୟା ଏକାଠି ରହି ଗୋଟିଏ କ୍ରିୟା ହୋଇଥିଲେ ତାକୁ ଯୌଗିକ କ୍ରିୟା କହନ୍ତି । ଦୁଇଟି କ୍ରିୟା ମଧ୍ୟରୁ ପ୍ରଥମ କ୍ରିୟାଟି ଅସମାପିକା କ୍ରିୟା ରୂପରେ ରହେ ଓ ଏହାର ଅର୍ଥର ପ୍ରାଧାନ୍ୟ ରହେ । ଦ୍ୱିତୀୟ କ୍ରିୟାଟି ସମାପିକା କ୍ରିୟା ହୋଇଥାଏ । ସମାପିକା କ୍ରିୟା ହୋଇଥିବାରୁ ଏହା କର୍ତ୍ତାର ଅନୁସାରିଣୀ ହୋଇଥାଏ । ଏଥିରେ ପୁରୁଷ, ବଚନ, କାଳ ସୂଚକ ପ୍ରତ୍ୟୟ ଧାତୁ ସହିତ ଲାଗେ ।

ଉଦାହରଣ :

(i) ବହିଗୁଡ଼ିକ ନେଇଯାଅ । ନେଇଯାଅ – ଏଥିରେ ଦୁଇଟି କ୍ରିୟା ଅଛି । ନେଇ (ଅସମାପିକା କ୍ରିୟା (ନେ + ଇ) ଏବଂ ଯାଅ (ସମାପିକା କ୍ରିୟା (ଯା + ଅ)

(ii) ତୁମେ ଆଗେ ଖାଇନିଅ ।

(iii) ଭିକାରୀକୁ ଭିକ୍ଷା ଦେଇଦିଅ ।

(iv) ମୁଁ ଟିକିଏ ଆଖି ପକାଇଦେଲି ।

**2.31 ନାମଧାତୁ କ୍ରିୟା :** ବିଶେଷ୍ୟ ବା ବିଶେଷଣ ପଦରୁ ଗଠିତ କ୍ରିୟାକୁ ନାମଧାତୁ କ୍ରିୟା କହନ୍ତି । ଏହାକୁ ଶବ୍ଦକ୍ରିୟା ମଧ୍ୟ କୁହାଯାଏ ।

ଉଦାହରଣ :

| ବିଶେଷ୍ୟପଦ | ନାମଧାତୁ | ବିଶେଷଣ ପଦ | ନାମଧାତୁ |
|---|---|---|---|
| ଆଣ୍ଠୁ | ଆଣ୍ଠେଇବା | ଛୋଟ | ଛୋଟେଇବା |
| ପେଟ | ପେଟେଇବା | ଛୋଟା | ଛୋଟେଇବା |
| ବାଡ଼ି | ବାଡେଇବା | ଆଗ | ଆଗେଇବା |
| ଗୋଡ଼ | ଗୋଡ଼େଇବା | ଧଳା | ଧଉଳେଇବା |
| ଆଖି | ଆଖେଇବା | ବଙ୍କା | ବଙ୍କେଇବା |

(ଆଣ୍ଠୁ ଶବ୍ଦ ନାମଧାତୁ ହେଲେ ହେବ ଆଣ୍ଠ୍ । ଆଣ୍ଠ୍ + ଏଇବା = ଆଣ୍ଠେଇବା କିମ୍ବା ଆଣ୍ଠ୍ + ଆଇବା = ଆଣ୍ଠାଇବା)

**2.32** ବାକ୍ୟର ଆବଶ୍ୟକତା ଅନୁସାରେ ଗୋଟିଏ ପଦ ରୂପ ବଦଳାଇ ଅନ୍ୟ ପଦରୂପେ ବ୍ୟବହୃତ ହୋଇପାରେ ।

**ଉଦାହରଣ :**

| ବିଶେଷ୍ୟ ପଦ | ବିଶେଷଣ ପଦ | କ୍ରିୟାପଦ |
|---|---|---|
| ମଠ | ମଠୁଆ | ମଠେଇବା |
| ତେଲ | ତେଲିଆ | ତେଲେଇବା |

## ପ୍ରଶ୍ନାବଳୀ – 2A

**ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ ।**

1. ଯେଉଁ ବିଶେଷ୍ୟ ପଦ କୌଣସି ନାମକୁ ବୁଝାଏ ତାକୁ କ'ଣ କହନ୍ତି ?
   (A) ନାମ ବାଚକ ବିଶେଷ୍ୟ
   (B) ବସ୍ତୁବାଚକ ବିଶେଷ୍ୟ
   (C) ଜାତିବାଚକ ବିଶେଷ୍ୟ
   (D) ଗୁଣବାଚକ ବିଶେଷ୍ୟ
2. ସଂଜ୍ଞାର ବ୍ୟାକରଣିକ ଅର୍ଥ କ'ଣ ?
   (A) ସୂର୍ଯ୍ୟଙ୍କର ସ୍ତ୍ରୀ (B) ବିଶ୍ୱକର୍ମାଙ୍କ କନ୍ୟା
   (C) ସହର (D) ନାମ
3. ଗାଈ, ଘୋଡ଼ା, ମଣିଷ, ହିମାଳୟ – ଏ ଚାରୋଟି ଭିତରୁ କେଉଁଟି ଅଲଗା ?
   (A) ଗାଈ (B) ଘୋଡ଼ା
   (C) ମଣିଷ (D) ହିମାଳୟ
4. ଘର,ଇଟା,ପଥର,ସିମେଣ୍ଟ – କେଉଁଟି ଭିନ୍ନଧରଣର ?
   (A) ଘର (B) ଇଟା
   (C) ପଥର (D) ସିମେଣ୍ଟ
5. କେଉଁ ବିଶେଷ୍ୟ ପଦକୁ ଦେଖି ବା ଛୁଇଁ ହୁଏ ନାହିଁ, କେବଳ ତାକୁ ଅନୁଭବ କରିହୁଏ ?
   (A) ନାମବାଚକ (B) ଜାତିବାଚକ
   (C) ଗୁଣବାଚକ (D) ବସ୍ତୁବାଚକ
6. ଯେଉଁ ପଦ ଅନ୍ୟପଦର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ ତାକୁ କ'ଣ କହନ୍ତି ?
   (A) ବିଶେଷ୍ୟ (B) ବିଶେଷଣ
   (C) ସର୍ବନାମ (D) ଅବ୍ୟୟ
7. ଯେଉଁ ପଦ ବିଶେଷ୍ୟ ପଦର ପରିବର୍ତ୍ତେ ବ୍ୟବହୃତ ହୁଏ ତାକୁ କ'ଣ କହନ୍ତି ?
   (A) ବିଶେଷ୍ୟ (B) ବିଶେଷଣ
   (C) ସର୍ବନାମ (D) ଅବ୍ୟୟ
8. ଯେଉଁ ପଦ ଲିଙ୍ଗ, ବଚନ, ପୁରୁଷ ବା ବିଭକ୍ତିରେ ପରିବର୍ତ୍ତନ ନ ହୋଇ ଅପରିବର୍ତ୍ତିତ ରହେ ତାକୁ କ'ଣ କହନ୍ତି ?
   (A) ବିଶେଷ୍ୟ (B) ବିଶେଷଣ
   (C) ଅବ୍ୟୟ (D) କ୍ରିୟା

9. ଯେଉଁ ପଦ କୌଣସି କାର୍ଯ୍ୟର ନାମକୁ ବୁଝାଏ ତାକୁ କ'ଣ କହନ୍ତି ?
(A) ଗୁଣବାଚକ ବିଶେଷ୍ୟ
(B) ଜାତିବାଚକ ବିଶେଷ୍ୟ
(C) କ୍ରିୟା ବାଚକ ବିଶେଷ୍ୟ
(D) ନାମବାଚକ ବିଶେଷ୍ୟ

10. ଭୋଜନ, ରନ୍ଧନ, ପଢୁଛି, ଶୟନ – ଏଥିରୁ କ୍ରିୟା ପଦଟି କିଏ ?
(A) ଭୋଜନ (B) ରନ୍ଧନ
(C) ପଢୁଛି (D) ଶୟନ

11. ଯେଉଁ କ୍ରିୟାଦ୍ୱାରା ବାକ୍ୟର ସମାପ୍ତି ସୂଚିତ ହୁଏ ତାକୁ କ'ଣ କହନ୍ତି ?
(A) ସଂଯୁକ୍ତ କ୍ରିୟା (B) ସମାପିକା କ୍ରିୟା
(C) ଅସମାପିକା କ୍ରିୟା (D) ଯୌଗିକ କ୍ରିୟା

12. ଯେଉଁ କ୍ରିୟାରୁ ବାକ୍ୟର ସମାପ୍ତି ବୁଝାଏ ନାହିଁ ତାକୁ କ'ଣ କହନ୍ତି ?
(A) ସମାପିକା କ୍ରିୟା (B) ଅସମାପିକା କ୍ରିୟା
(C) ସଂଯୁକ୍ତ କ୍ରିୟା (D) ସକର୍ମକ କ୍ରିୟା

13. ବାକ୍ୟରେ ସର୍ବନିମ୍ନ ଦୁଇଟି ମୁଖ୍ୟ ଅଂଶ । ଗୋଟିଏ କର୍ତ୍ତା ହେଲେ ଅନ୍ୟଟି କ'ଣ ?
(A) କର୍ମ (B) କରଣ
(C) କ୍ରିୟା (D) ସମାପିକା କ୍ରିୟା

14. ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପୂର୍ବରୁ ବ୍ୟବହୃତ ହୁଏ ତାକୁ କ'ଣ କହନ୍ତି ?
(A) ବିଶେଷ୍ୟର ବିଶେଷଣ
(B) ବିଧେୟ ବିଶେଷଣ
(C) ସାର୍ବନାମିକ ବିଶେଷଣ
(D) ବିଶେଷଣର ବିଶେଷଣ

15. ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପରେ ବ୍ୟବହୃତ ହୁଏ ତାକୁ କ'ଣ କହନ୍ତି ?
(A) ବିଶେଷଣର ବିଶେଷଣ
(B) ବିଧେୟ ବିଶେଷଣ
(C) ବିଶେଷ୍ୟର ବିଶେଷଣ
(D) ସାର୍ବନାମିକ ବିଶେଷଣ

16. ଯେଉଁ କ୍ରିୟାର କର୍ମ ନଥାଏ ତାକୁ କି କ୍ରିୟା କହନ୍ତି ?
(A) ସକର୍ମକ କ୍ରିୟା (B) ଅକର୍ମକ କ୍ରିୟା
(C) ଦ୍ୱିକର୍ମକ କ୍ରିୟା (D) କର୍ମଯୁକ୍ତ କ୍ରିୟା

17. ସେ ପଢ଼ିବ ରେଖାଙ୍କିତ ପଦରେ ଥିବା ଧାତୁଟି କିଏ ?
(A) ପଢ଼ (B) ପଠ
(C) ପଢ଼ିବ୍ (D) କେଉଁଟି ନୁହେଁ

18. ସେ ଭାତ ଖାଇବ । ରେଖାଙ୍କିତ ପଦଟି କେଉଁ କାଳର ?
(A) ବର୍ତ୍ତମାନ (B) ଅତୀତ
(C) ଭବିଷ୍ୟତ (D) କେଉଁଟି ନୁହେଁ

19. ନିମ୍ନୋକ୍ତ କ୍ରିୟା ମଧ୍ୟରୁ ନାମଧାତୁ କ୍ରିୟାଟି କିଏ ?
(A) ବାଢ଼େଇବା (B) ପଢ଼େଇବା
(C) ବଢ଼େଇବା (D) ବଢ଼ିବା

20. ପଣ୍ଡିତ ମହାଶୟ ଛାତ୍ରଙ୍କୁ ବ୍ୟାକରଣ ପଢ଼ାଉଛନ୍ତି । – ରେଖାଙ୍କିତ ପଦଟି କି କର୍ମ ।
(A) ଗୌଣ କର୍ମ (B) ମୁଖ୍ୟ କର୍ମ
(C) ଅନ୍ୟପକ୍ଷିତ କର୍ମ (D) କେଉଁଟି ନୁହେଁ

21. ଠିକ୍ ଶବ୍ଦ କେଉଁଟି ?
(A) ଧନି (B) ଧନୀକ
(C) ଧନିକ (D) ଧନମାନ୍

22. ପଠନୀୟ ଶବ୍ଦ ଗଠନରେ କେଉଁଟି ଠିକ୍ ?
(A) ପଠ + ନୀୟ (B) ପଠନ + ଈୟ
(C) ପଠ୍ + ଅନୀୟ (D) ପଠ + ଅନୀୟ

23. କେଉଁଟି ଅନ୍ୟ ୩ଟିରୁ ଅଲଗା ?
(A) କାନ୍ଦିବା (B) ଶୋଇବା
(C) ହସିବା (D) ଖାଇବା

24. ଏକ ବା ଏକାଧିକ ଅକ୍ଷର ମିଶି କୌଣସି ଅର୍ଥ ପ୍ରକାଶ କରୁଥିଲେ, ତାକୁ କ'ଣ କହନ୍ତି ?
(A) ପଦ (B) ଶବ୍ଦ
(C) ବାକ୍ୟ (D) ଧ୍ୱନି

25. ଗୋଟିଏ ଉକ୍ତି ବା ବାକ୍ୟର ପ୍ରତ୍ୟେକ ଅଂଶକୁ କ'ଣ କହନ୍ତି ?
(A) ପଦ (B) ଶବ୍ଦ
(C) ବାକ୍ୟ (D) ଧ୍ୱନି

26. ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ତାକୁ କ'ଣ କହନ୍ତି ?
(A) ବାକ୍ୟ (B) ବାକ୍ୟାଂଶ
(C) ପଦ (D) ପଦାଂଶ

27. ପଦ ପଦ ମଧ୍ୟରେ କେଉଁ ତତ୍ତ୍ୱ ରହିଲେ ବାକ୍ୟ ସୃଷ୍ଟି ହୁଏ ?
(A) ଅର୍ଥ ତତ୍ତ୍ୱ (B) ଧ୍ୱନିତତ୍ତ୍ୱ
(C) ସମ୍ବନ୍ଧ ତତ୍ତ୍ୱ (D) କେଉଁଟି ନୁହେଁ